


## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■ଜନ ଅଭିଯୋଗ ଶୁଣାଣି ଶିବିର
ସ୍ଥାନ: ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା ।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

■ଢେଙ୍କାନାଳ ସହର ଜନସମୁଦ୍ର

# ନୃତ୍ୟଗୀତରେ ମଜ୍ଜିଲେ ଦର୍ଶକ

**ଢେଙ୍କାନାଳ ଅଫିସ, ୨୦।୧୦**



ଅନ୍ତିମ ଚରଣରେ ପହଞ୍ଚିଛି ଢେଙ୍କାନାଳର ଐତିହ୍ୟସମ୍ପନ୍ନ ଲକ୍ଷ୍ମୀପୂଜା । ବୁଧବାର ଧରାପୃଷ୍ଠରୁ ମେଲାଣି ନେବେ ସମୃଦ୍ଧିର ଦେବୀ । ମଝିରେ ଆଉ ମାତ୍ର ଦିନଟିଏ ବାକିଥିବାବେଳେ ରବିବାର ଜନସମୁଦ୍ରରେ ପରିଣତ ହୋଇଥିଲା ସମଗ୍ର ସହର । ବିଭିନ୍ନ ପୂଜା ପ୍ରତିଷ୍ଠାନ ପକ୍ଷରୁ ଆଖି ଝଲସାଇ ଦେବାଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବାବେଳେ ଏହାକୁ ମନଭରି ଉପଭୋଗ କରିଥିଲେ ଲକ୍ଷାଧିକ ଶ୍ରଦ୍ଧାଳୁ । କଳାକାରଙ୍କ ସହ ତାଳଦେଇ ସେମାନେ ମଧ ମଜ୍ଜି ଯାଇଥିଲେ ନୃତ୍ୟଗୀତରେ ।

ରବିବାର ଛୁଟି ଥିବାରୁ ପୂଜା ଦେଖିବାର ମିଳିଥିଲା ଫୁରସତ । ଏହାକୁ ହାତ ଛଡ଼ାକରି ନ ଥିଲେ ଶ୍ରଦ୍ଧାଳୁ । ଫଳରେ କଲେଜ ଛକଠାରୁ ଗୁଡିଆନାଳୀ ବସ୍‌ଷ୍ଟାଣ୍ଡ ରାସ୍ତାର କୈବଲ୍ୟ ବଜାର, ରଥଗଡ଼ା, ଗଣେଶ ବଜାର, ମହାବୀର ବଜାର, ଲକ୍ଷ୍ମୀବଜାର, ଜବାହରଚୌକ, ମିନାବଜାର, କାଞ୍ଚନବଜାର, ଆନନ୍ଦବଜାର, ବାଜିଚୌକ ଦେଇ କୋରିଆଁ ସ୍ୱପ୍ନେଶ୍ୱର ବଜାର ଜନସମୁଦ୍ରରେ ପରିଣତ ହୋଇଥିଲା ।

ସେହିପରି ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ହଜାର ହଜାର ଲୋକଙ୍କୁ ଜମା ନିରାଶ କରି ନ ଥିଲେ ପୂଜା ପ୍ରତିଷ୍ଠାନ । କାଞ୍ଚନବଜାର ପୂଜା ମଣ୍ଡପରେ ଏଭରେଷ୍ଟ ଆରୋହିଣୀ କଳ୍ପନା ଦାଶଙ୍କ ସ୍ମୃତିରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟା ସମସ୍ତଙ୍କ ପସନ୍ଦ ପାଲଟିଥିଲା । ସେହିପରି ଗୁଡିଆନାଳୀ, ଦୁର୍ଗାବଜାର ସମେତ ଅଧିକାଂଶ ପୂଜା ପ୍ରତିଷ୍ଠାନ ପକ୍ଷରୁ ନୃତ୍ୟସଙ୍ଗୀତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବସ୍‌ଷ୍ଟାଣ୍ଡରେ ବଲିଉଡ୍ କଳାକାର ସଞ୍ଜିତା ଭଟ୍ଟାଚାର୍ଯ୍ୟଙ୍କ ସହିତ ମନସ୍ୱିନୀ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ସେ ବିଭିନ୍ନ ପୂଜା ମଣ୍ଡପ ବୁଲିଥିଲେ । ସେହିପରି ଏମ୍‌ପି ଅପରାଜିତା ଷଡଙ୍ଗୀ ମଧ ପୂଜାମଣ୍ଡପ ବୁଲି ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।



ଢେଙ୍କାନାଳ ଚନ୍ଦନ ବଜାର ପୂଜାମଣ୍ଡପରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ପ୍ରତିମା ।



ବସ୍‌ଷ୍ଟାଣ୍ଡରେ ଆୟୋଜିତ ମେଲୋଡି କାର୍ଯ୍ୟକ୍ରମ ।



ଜୁବିଲି ଟାଉନ-୧ ପୂଜାମଣ୍ଡପରେ ବିଧାୟକ ସୁଧୀର କୁମାର ସାମଲ ପୂଜାର୍ଚ୍ଚନା କରୁଛନ୍ତି ।

■ଜବାହରଚୌକ ପ୍ଲାଟିନମ୍ ଜୁବିଲିର ୪ର୍ଥ ସନ୍ଧ୍ୟା

## 'ଡିଜିଟାଲ ଯୁଗରେ ମହକ ହରାଇନି ପରମ୍ପରା'



ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଢେଙ୍କାନାଳ ଅଫିସ, ୨୦।୧୦**

ଆଜିର ଡିଜିଟାଲ ଯୁଗରେ ବି ପରମ୍ପରା ମହକ ହରାଇନି । ଢେଙ୍କାନାଳ ଲକ୍ଷ୍ମୀପୂଜା ଏହାର ଜ୍ୱଳନ୍ତ ଉଦାହରଣ । ଏଠାକାର ବାସିନ୍ଦା ଐତିହ୍ୟ, ପରମ୍ପରାକୁ ବଜାୟ ରଖିଛନ୍ତି । ମା'ଲକ୍ଷ୍ମୀ ହେଉଛନ୍ତି ସମୃଦ୍ଧିର ଦେବୀ । ସକାରାତ୍ମକ ପରିବେଶରେ ହଜାର ହଜାର ଶ୍ରଦ୍ଧାଳୁ ଏକାଠି ହେବା ବଡ଼ ଉପଲବ୍ଧି । ଏଥିପାଇଁ ପୂଜା ପ୍ରତିଷ୍ଠାନଗୁଡ଼ିକ ପ୍ରଶଂସାର ହକ୍‌ଦାର ବୋଲି କହିଛନ୍ତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ । ଜବାହରଚୌକ ପୂଜା ପ୍ରତିଷ୍ଠାନର ପ୍ଲାଟିନମ୍ ଜୁବିଲି ମହୋତ୍ସବର ରବିବାର ୪ର୍ଥ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି ।

ସମ୍ମାନିତ ଅତିଥି ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ କହିଲେ, ଲକ୍ଷ୍ମୀପୂଜା ଇତିହାସ ବହୁ ପ୍ରାଚୀନ ଓ ଗୌରବମୟ । ଚଳିତବର୍ଷ ପୂଜା ଶୃଙ୍ଖଳିତ ଭାବେ ପାଳନ ହେଉଛି । ଏଥିଲାଗି ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ଅନୁଷ୍ଠାନର ସଭାପତି ନବୀନଚନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଭାଜପା ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ ବିଧାୟକ ରାଘବ ଚନ୍ଦ୍ର ସେଠୀ, ସମ୍ପାଦକ ସୁଧାଂଶୁ କୁମାର ଦଳେଇ ମଞ୍ଚାସୀନ ଥିଲେ । ଏହି ଅବସରରେ ବିଭିନ୍ନ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପସଭାପତି ସଦାଶିବ ମହାପାତ୍ର, ସତ୍ୟ ନାରାୟଣ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## କଳ୍ପୁଛି ଇନ୍ଦିପୁର



**ଢେଙ୍କାନାଳ ଅଫିସ, ୨୦।୧୦:** ଗଣପର୍ବ ଲକ୍ଷ୍ମୀପୂଜାକୁ ନେଇ ଉତ୍ସବମୁଖର ହୋଇଉଠିଛି ସମଗ୍ର ଢେଙ୍କାନାଳ ଜିଲା । ନୀତିକାନ୍ତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି। ମନ୍ତ୍ରଧ୍ୱନିରେ ଫାଟିପଡୁଛି ପୂଜାମଣ୍ଡପ। ଧନଦାତ୍ରୀଙ୍କ ଆରାଧନାରେ ସବୁଠି ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ଅନୁକୂଳ ପାଗ ଏହାକୁ ଆହୁରି ଆକର୍ଷଣୀୟ କରିଛି। ଲକ୍ଷ୍ମୀପୂଜା ପାଇଁ ଝଲସୁଛି ଓଡ଼ାପଡ଼ା ବ୍ଲକର ଇନ୍ଦିପୁର। ପାରମ୍ପରିକ ନୀତିରେ ପୂଜାର୍ଚ୍ଚନା ଚାଲିଛି। ଆକର୍ଷଣୀୟ ପୂଜାମଣ୍ଡପ, ଆଲୋକ ତୋରଣ ଭିତରେ ଇନ୍ଦ୍ରପୁରୀର ଭ୍ରମ ସୃଷ୍ଟି କରିଛି ଗାଁ ପରିବେଶ। ପୂଜା ଅବସରରେ ବ୍ରହ୍ମାକୁମାରୀ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ମିଳିତ ପୂଜା କମିଟି ସଭାପତି ବିବେକାନନ୍ଦ ସାହୁ, ସରପଞ୍ଚ ରାଜକିଶୋର ରାଉତ, ନାସେର ଅହମ୍ମଦ ଅଲ୍ଲି ଖାଁ, ଅଜୟ ପୃଷ୍ଟି, ଦାମୋଦର ନାୟକ ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି।

## ଧନଦାତ୍ରୀଙ୍କୁ ମେଲାଣି



**ପରଜଙ୍ଗ, ୨୦।୧୦(ଡି.ଏନ.ଏ.)** ଢେଙ୍କାନାଳ ଜିଲା ପରଜଙ୍ଗରେ ୭ଦିନ ଧରି ଚାଲିଥିବା ଲକ୍ଷ୍ମୀପୂଜା ରବିବାର ଶେଷ ହୋଇଛି। ବାଜାବାଣ, ସାଂସ୍କୃତିକ ଶୋଭାଯାତ୍ରାରେ ୪ ମେଢ ସାମିଲ ହୋଇଥିଲେ। ଲକ୍ଷ୍ମୀ ବଜାର, ତାରିଣୀ ବଜାର, ସୁବାହୁସିଂହ ବଜାର, ୟୁକୋ ବ୍ୟାଙ୍କ ଲେନ୍ ପୂଜା କମିଟି ମେଢ଼ ଅପରାହ୍ନରେ ମେଡ଼ିକାଲ ନିକଟ ମେଲଣ ପଡ଼ିଆରେ ଏକାଠି ହୋଇଥିଲେ। ସେଠାରେ ଲଟେରି ଉଠାଯିବା ପରେ କ୍ରମିକ ସଂଖ୍ୟା ଅନୁଯାୟୀ ମେଢ଼ଗୁଡ଼ିକ ଧାଡ଼ିରେ ବାହାରିଥିଲେ। ଡିଜେ ସାଉଣ୍ଡ, ଘୋଡ଼ା ନାଚ, ଲଉଡ଼ିବାଡ଼ି ଖେଳ, ସିଙ୍ଗବାଦ୍ୟରେ ଅଞ୍ଚଳ ଦୁଲୁକି ଉଠିଥିଲା। ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକ ଏଥିରେ ସାମିଲ ହୋଇ ମା'ଙ୍କୁ ମେଲାଣି ଦେଇଥିଲେ। ପରଜଙ୍ଗ ଗାଁ ଦେଇ ମେଢ଼ଗୁଡ଼ିକ ବଜାରରେ ପହଞ୍ଚିବା ପରେ କେନାଲରେ ବିସର୍ଜନ କରାଯାଇଥିଲା। ସ୍ଥାନୀୟ ପୋଲିସ, ପୂଜା କମିଟି କର୍ମକର୍ତ୍ତା ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ମିଳିତ ବଜାର କମିଟିର ଆଦିକନ୍ଦ ଦଳବେହେରା, ସୁଶାନ୍ତ ଦଳବେହେରା, ସୁଜିତ ଦଳବେହେରା, ପ୍ରଦୀପ ସେଠୀ, ବସନ୍ତ ପୁହାଣ, ଦିଲୀପ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବାରିହାପୁର, ଲୋଧଣି, କଙ୍କଡ଼ାସୋଡ଼ା, ମୁକ୍ତାପଶି, ବସୋଇ ଅଞ୍ଚଳରେ ମଧ ଭସାଣି ଶେଷ ହୋଇଛି।

■ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ

# ଟଙ୍କା ନ ଦେଲେ ମିଳୁନି କାର୍ଯ୍ୟାଦେଶ

**ପରଜଙ୍ଗ, ୨୦।୧୦(ଡି.ଏନ.ଏ.)**

■ସରପଞ୍ଚଙ୍କ ବିରୋଧରେ ବିଡିଓଙ୍କୁ ଫେରାଦ

■ଅଭିଯୋଗ ରାଜନୈତିକ ଅଭିସନ୍ଧିମୂଳକ: ସରପଞ୍ଚ

ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅର୍ଥ କାରବାର ହେଉଥିବା ଅଭିଯୋଗ ହୋଇଛି । ଟଙ୍କା ନ ଦେଲେ କାର୍ଯ୍ୟାଦେଶ ଦିଆଯାଉନାହିଁ । ଏ ନେଇ ସରପଞ୍ଚଙ୍କ ବିରୋଧରେ ବିଡିଓଙ୍କୁ ଫେରାଦ ହୋଇଛନ୍ତି ହିତାଧିକାରୀ । ଅଭିଯୋଗକାରୀ ସୋସିଆଲ ମିଡିଆରେ ମଧ ଏ ନେଇ ସ୍ୱର ଉଠାଇଛନ୍ତି । ଅନ୍ୟପଟେ ଏପରି ଅଭିଯୋଗ ରାଜନୈତିକ ଅଭିସନ୍ଧିମୂଳକ ବୋଲି ସରପଞ୍ଚ ସ୍ପଷ୍ଟୀକରଣ ରଖିଛନ୍ତି, ଯାହାକୁ ନେଇ ଏବେ ଆରମ୍ଭ ହୋଇଛି ରାଜନୀତି ।

ଅଭିଯୋଗ ଅନୁଯାୟୀ, ରବି ବେହେରାଙ୍କ ସ୍ତ୍ରୀ ଲବଙ୍ଗଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ମଞ୍ଜୁର ହୋଇଛି । ଏଥିଲାଗି ସରପଞ୍ଚ ୭ ହଜାର ଟଙ୍କା ନେଇଥିଲେ । ଏବେ ପୁଣି ଅଧିକ ଟଙ୍କା ଦାବି କରୁଛନ୍ତି । ଦାବି ମୁତାବକ ଟଙ୍କା ନ ଦେଲେ ବିଲ୍ କରାଇ ଦେବେନାହିଁ ବୋଲି କହୁଛନ୍ତି । ଏ ନେଇ ସେ ପଞ୍ଚାୟତିରାଜ ସଚିବ ଏବଂ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ସେହିପରି ସୁଶାନ୍ତ ବିଶ୍ୱାଳ ଏବଂ ଟିଟୁ ଦେହୁରୀଙ୍କ ସ୍ତ୍ରୀ ଅଞ୍ଜଳି ମଧ ସମାନ ଅଭିଯୋଗ ଆଣିଛନ୍ତି ।

ଏ ନେଇ ସରପଞ୍ଚ ଦୁଃଶାସନ ବିଶ୍ୱାଳ ସ୍ପଷ୍ଟୀକରଣରେ କୁହନ୍ତି, ଟିଟୁଙ୍କ ସ୍ତ୍ରୀ ଏବଂ ବାପାଙ୍କ ନାମରେ ପୃଥକ୍ ଭାବେ ଦୁଇଟି ଆବାସ ଗୃହ ମଞ୍ଜୁର କରାଯାଇଛି । ପ୍ରଥମ କିସ୍ତି ବାବଦକୁ ଉଭୟେ ୨୦ ହଜାର ଲେଖାଏ ଟଙ୍କା ଉଠାଇଛନ୍ତି । ହେଲେ ଏଯାଏ ଘର କାମ ଆରମ୍ଭ କରିନାହାନ୍ତି । ଏହାର କାରଣ ପଚାରିବାରୁ ସେମାନେ ଏପରି ମିଥ୍ୟା ଅଭିଯୋଗ ଆଣିଛନ୍ତି । ଗତ ଅଗଷ୍ଟ ୩୦ରେ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷ ଅକ୍ଷୟ ବେହେରା, ବିଡିଓ ବସନ୍ତ କୁମାର ମଲ୍ଲିକଙ୍କ ଉପସ୍ଥିତିରେ କାର୍ଯ୍ୟାଦେଶ ବଣ୍ଟା ଯାଇଥିଲା । ସରପଞ୍ଚ ନିର୍ବାଚନରେ ହାରିଯାଇଥିବା ଜଣେ ପ୍ରତିଦ୍ୱନ୍ଦ୍ୱୀଙ୍କ ପ୍ରରୋଚନାରେ ପଡ଼ି ହିତାଧିକାରୀମାନେ ଏପରି ଅଭିଯୋଗ ଆଣିଛନ୍ତି । ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି । ଏ ନେଇ ସେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି । ବିଡିଓ ନିଜ ମତାମତରେ କହିଛନ୍ତି, ଅଭିଯୋଗର ପ୍ରମାଣ ଦାଖଲ କରାଯାଇନାହିଁ । ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା

**ଢେଙ୍କାନାଳ ଅଫିସ, ୨୦।୧୦**

କଙ୍କଡ଼ାହାଡ଼ ବ୍ଲକ ମହାବିରୋଡସ୍ଥିତ ମିନି ଷ୍ଟାଡିୟମ୍‌ରେ ସରାଙ୍ଗ ସଙ୍କୁଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି । ମହାବିରୋଡ ଗ୍ରାମ ସଭାପତି କୃଷ୍ଣଚନ୍ଦ୍ର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ । ଜନପ୍ରଭା ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଭୁଦତ୍ତ ମିଶ୍ର, ସଙ୍କୁଳ ସଂଯୋଜକ ପ୍ରଶାନ୍ତ ଦେହୁରୀ, ସଙ୍କୁଳ ପ୍ରମୁଖ ସଞ୍ଜୀବ ନାୟକ ଉପସ୍ଥିତ ଥିଲେ । ସ୍ଥାନୀୟ ହନୁମାନ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା । ଏଥିରେ ୭୭ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ୧୧ଜଣ ଗୁରୁଜୀଗୁରୁମା କ୍ରୀଡ଼ା ପରିଚାଳନା କରିଥିଲେ । ଶ୍ରେଷ୍ଠ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଗୋପବନ୍ଧୁ ସାହୁ, ସୁଜିତ ନାୟକ, ପ୍ରଶାନ୍ତ ଦେହୁରୀ, ପ୍ରଧାନ ଆଚାର୍ଯ୍ୟା କଲ୍ୟାଣୀ ସାହୁ, ତରୁଣ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଇକ୍ ଧକ୍କାରେ ଜଣେ ଗୁରୁତର

**ପରଜଙ୍ଗ, ୨୦।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କଙ୍କିଳି ଗ୍ରାମ ନିକଟରେ ରବିବାର ବାଇକ୍ ଧକ୍କା ଦେବାରୁ ଓଡ଼ାପଡ଼ା ବ୍ଲକ ଧଳପୁର ଗ୍ରାମର ଶରତ ରାଉତ ଗୁରୁତର ହୋଇଛନ୍ତି । ସେ କୌଣସି କାମରେ ବାଇକ୍‌ରେ କଙ୍କିଳି ଯାଉଥିବାବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା । ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି ।

# ମଦ ବିରୋଧରେ ଗର୍ଜିଲେ ମହିଳା



ଶୋଭାଯାତ୍ରାରେ ମହିଳାମାନେ ।

**ପରଜଙ୍ଗ, ୨୦।୧୦(ଡି.ଏନ.ଏ.)**

■ବସୁଲେଇ ପଞ୍ଚାୟତକୁ ନିଶାମୁକ୍ତ କରିବାକୁ ନିଷ୍ପତ୍ତି

■ସାମିଲ ହେଲେ ୭୦ ଏସ୍‌ଏଚ୍‌ଜିର ୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟ

■ସମର୍ଥନ ଜଣାଇଲେ ସରପଞ୍ଚ

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ବସୁଲେଇ ପଞ୍ଚାୟତକୁ ନିଶାମୁକ୍ତ କରିବାକୁ ରଣହୁଙ୍କାର ଦେଇଛନ୍ତି ମହିଳା ଗୋଷ୍ଠୀ । ରବିବାର ଏକ ବିଶାଳ ଶୋଭାଯାତ୍ରାରେ ୭୦ ସ୍ୱୟଂ ସହାୟକ ଗୋଷ୍ଠୀର ୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ମଦ ବିରୋଧୀ ସ୍ଲୋଗାନ୍ ଦେଇ ଜନସଚେତନତା ସୃଷ୍ଟି କରିଥିଲେ ।

ଗୋଷ୍ଠୀ ସଦସ୍ୟଙ୍କ କହିବା କଥା, ରାଜସ୍ୱ ବୃଦ୍ଧି ଲୋଭରେ ମଦ ବିକ୍ରିକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି । ସବୁ ଜାଗାରେ ଅତି ସହଜରେ ମଦ ମିଳିଯାଉଛି । ମଦ ପାଇଁ ସାମାଜିକ ବ୍ୟବସ୍ଥା ଭାଙ୍ଗିଯିବାକୁ ବସିଛି । ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି । ସଡ଼କ ଦୁର୍ଘଟଣା, ହତ୍ୟା, ଲୁଣ୍ଠନ, ବଳାତ୍କାର ଭଳି ଆପରାଧିକ କାର୍ଯ୍ୟ ପଛରେ ପ୍ରମୁଖ କାରଣ ନିଶାସେବନ । ଏହାର ପ୍ରତିବାଦରେ ଏପରି ଅଭିଯାନ ଆରମ୍ଭ କରାଯାଇଛି ।

ମହାସଂଘର ସଭାନେତ୍ରୀ ରେବତୀ ଜେନାଙ୍କ ନେତୃତ୍ୱରେ ଗୋଷ୍ଠୀ ସଦସ୍ୟମାନେ ନାରାବାଜି ଦେଇ ପଞ୍ଚାୟତର ୧୧ ଗୋଟି ୱାର୍ଡରେ ଜନସଚେତନତା ସୃଷ୍ଟି କରିଥିଲେ । ମଦ ନ ହଟିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଅନ୍ୟପଟେ ଏସ୍‌ଏଚ୍‌ଜିର ଏପରି ପଦକ୍ଷେପକୁ ସମର୍ଥନ ଜଣାଇଛନ୍ତି ସରପଞ୍ଚ ସଞ୍ଜୟ କୁମାର ରାଉତ । ଏହି କାର୍ଯ୍ୟରେ ସେ ନିଶ୍ଚିତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ସଂକ୍ଷେପରେ

### ପ୍ରଧାନଶିକ୍ଷକଙ୍କ ପରଲୋକ

ଛେଣ୍ଡିପଦା, ୨୦।୧୦(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ରାଇଝରଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବନ୍ତଲା ଥାନା ପୋକତୁଙ୍ଗା ଗ୍ରାମର ଲାଲବାହାଦୁର ପ୍ରଧାନ(୫୮)ଙ୍କ ରବିବାର ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେଲା ମଧୁମେହ ରୋଗରେ ପୀଡିତ ଥିଲେ। ଶୁକ୍ରବାର ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ରାଇଝରଣ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### ବଅଁରପାଳରେ ଭସାଣି ଆଜି



ବଅଁରପାଳ, ୨୦।୧୦(ଡି.ଏନ.ଏ.)- ବଅଁରପାଳ ବଜାରରେ ଚାଲିଥିବା ଲକ୍ଷ୍ମୀପୂଜାର ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହେବ। ରବିବାର ପୂଜାର ଶେଷ ଦିନରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ହାଟଛକ ଯାତ୍ରା ପଡ଼ିଆରେ ସମସ୍ତ ୧୩ଟି ମଣ୍ଡପର ମେଢ଼ ଏକତ୍ରିତ ହେବେ। ପରେ ପାରମ୍ପରିକ ବାଦ୍ୟନୃତ୍ୟ ସହକାରେ ପର୍ଯ୍ୟାୟ କ୍ରମେ ସମସ୍ତ ମେଢ଼ ଭସାଣି ଶୋଭାଯାତ୍ରାରେ ବଜାର ପରିକ୍ରମା କରିବା ପରେ ବିସର୍ଜନ କରାଯିବ।

### ସଙ୍କୁଳସ୍ତରୀୟ ପ୍ରଶିକ୍ଷଣ ଶିବିର

ବଇଣ୍ଡା,୨୦।୧୦(ଡି.ଏନ.ଏ.)- କିଶୋରନଗର ବ୍ଲକ ନାକିଚି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ରବିବାର ସଙ୍କୁଳସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଶିଶୁ ମନ୍ଦିରର ସମ୍ପାଦକ ରଣଜିତ କୁମାର ସାହୁ, ବାମୁର ପ୍ରଧାନ ଆଚାର୍ଯ୍ୟ ଅଗସ୍ତି କୁମାର ସାହୁ, କୋଦଣ୍ଡଧର ସାହୁ, ଆଠମଲ୍ଲିକ ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା, ମାଧପୁର ପ୍ରଧାନ ଆଚାର୍ଯ୍ୟ ନିଗମାନନ୍ଦ କଳତା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୯ ଶିଶୁ ମନ୍ଦିର ଆଚାର୍ଯ୍ୟାଆଚାର୍ଯ୍ୟ ଅଂଶଗ୍ରହଣ କରିଥିଲେ। ପ୍ରଚାରପ୍ରସାର ପତ୍ରିକା ଶିଶୁ ଭାରତୀ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ବାପୁଜୀ ଦେହୁରି, ନିରୁପମା ବାରିକ, ଉମାଶଙ୍କର ମିଶ୍ର ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ।

### ବ୍ୟବସାୟୀଙ୍କ ପରଲୋକ

ବଇଣ୍ଡା,୨୦।୧୦(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମର ପୁରାତନ ବ୍ୟବସାୟୀ ତଥା ପୂର୍ବତନ ଫୁଟବଲ ଖେଳାଳି ବାସୁଦେବ ସାହୁ(୬୫)ଙ୍କ ରବିବାର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ସେହିପରି ରଣଆକଟା ପଞ୍ଚାୟତ କୁମୁରୁସିଙ୍ଗା ଗ୍ରାମର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିରଞ୍ଚି ନାୟକଙ୍କ ମା କୋକେଇ ନାୟକ(୯୦)ଙ୍କ ରବିବାର ବଇଣ୍ଡାସ୍ଥିତ ତାଙ୍କ ସାନ ପୁଅଙ୍କ ଘରେ ପରଲୋକ ହୋଇଛି। ଅନୁଗୋଳ ଜିଲା ଭାଜପା ସଭାପତିଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ତାଙ୍କ ଶେଷ ଦର୍ଶନ କରିଥିଲେ।

## ■ଜାତୀୟ ସମ୍ପତ୍ତି ଉପରେ ମାଫିଆଙ୍କ ନଜର

# ଦୈନିକ କୋଟିଏ ଟଙ୍କାର କୋଇଲା ଚୋରି



- ■ଶହେରୁ ଅଧିକ ଟ୍ରକ୍‌ରେ ହେଉଛି ଚୋରା ଚାଲାଣ
- ■ସୁରକ୍ଷାକର୍ମୀ, ସରକାରୀ ଅଧିକାରୀ ଦେଇପାରୁନାହାନ୍ତି ସୁରକ୍ଷା
- ■୧୫ ଦିନରେ ଧରାପଡ଼ିଛି ୯ ଚୋରା କୋଇଲା ବୋଝେଇ ଟ୍ରକ୍
- ■ନକଲି ଟ୍ରାଞ୍ଜିଟ୍ ପାସ୍ ଯୋଗୁ ବଢ଼ୁଛି କାରବାର

ତାଳଚେର,୨୦।୧୦(ନି.ପ୍ର)

କଳାହୀରାର ସହର ତାଳଚେର କୋଲ୍ ଫିଲ୍‌ଡସରୁ ଦୈନିକ ଚୋରି ହେଉଛି ଶହ ଶହ ଟନ୍ କୋଇଲା। ଏହି ଜାତୀୟ ସମ୍ପତ୍ତି ଉପରେ ଦୃଷ୍ଟି ପକାଇଥିବା କୋଇଲା ମାଫିଆମାନେ ଶତାଧିକ ଟ୍ରକ୍‌ରେ କୋଇଲା ବାହାରକୁ ଚୋରା ଚାଲାଣ କରୁଛନ୍ତି। ଖଣି ଅଞ୍ଚଳ ମଧ୍ୟରୁ ମେଶିନ ଦ୍ୱାରା ଏହା ଲୋଡ୍ କରାଯାଇ ପଠାଯାଉଥିଲେ ବି ମୁତୟନ ହୋଇଥିବା ସୁରକ୍ଷା କର୍ମୀ ଓ ଦାୟିତ୍ୱରେ ଥିବା ସରକାରୀ ଅଧିକାରୀମାନେ ଆବଶ୍ୟକ ସୁରକ୍ଷା ଦେଇପାରୁ ନ ଥିବା ଅଭିଯୋଗ ହେଉଛି। ଗତ ୧୫ ଦିନ ମଧ୍ୟରେ ଏସ୍‌ଟିଏଫ୍ ଟିମ୍ ୨ଟି ପର୍ଯ୍ୟାୟରେ ଚଢ଼ାଉ କରି ୯ଟି କୋଇଲା ଟ୍ରକ୍ ଜବତ କରିବା ସହିତ ମୋଟ୍ ୧୧ ଜଣଙ୍କୁ ଗିରଫ କରିଛି। ଏହି ଘଟଣା ପରେ ଏମ୍‌ସିଏଲ୍‌ର କେତେଜଣ ଅଧିକାରୀ, ସିକ୍ୟୁରିଟି ଗାର୍ଡ, ପୋଲିସ ଅଧିକାରୀ ଓ ରାଜ୍ୟ ସରକାରଙ୍କ ମାଇନିଂ ବିଭାଗର କାର୍ଯ୍ୟକଳାପକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

ତାଳଚେର କୋଲ୍ ଫିଲ୍‌ଡସରେ ଲିଙ୍ଗରାଜ, ଭୁବନେଶ୍ୱରୀ, ଅନନ୍ତ, ବଳରାମ, ହିଙ୍ଗୁଳା, ଜଗନ୍ନାଥ, କଣିହାଁ ଭରତପୁର ସମେତ ୧୦ଟି କୋଇଲା ଖଣି ରହିଛି। ଦୈନିକ ଏଠାରୁ ୨ଲକ୍ଷ ୧୦ ହଜାର ମେଟ୍ରିକ ଟନ୍ କୋଇଲା ଉତ୍ତୋଳନ ହୋଇଥାଏ। ତେବେ ଚୋରି ରୋକିବା ପାଇଁ ଏମ୍‌ସିଏଲ୍‌ର ଅଧିକାରୀ, ସିକ୍ୟୁରିଟିଗାର୍ଡ, ଜିଲାସ୍ତରରେ ଟାସ୍କଫୋର୍ସ, ପୋଲିସ ଓ ସର୍ବୋପରି ରାଜ୍ୟ ସରକାରଙ୍କ ପକ୍ଷରୁ ଏଠାରେ ରାଜ୍ୟ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ରହିଛି। ସବୁ ଗାଡିରେ ଜିପିଏସ୍ ଲଗାଯାଇଛି। କିନ୍ତୁ ଏସବୁ ସତ୍ତ୍ୱେ ଖୋଲାଖୋଲି କିଭଳି ଚୋରା କୋଇଲା କାରବାର ଚାଲିଛି ତାହା ଆଶ୍ଚର୍ଯ୍ୟଜନକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଗତ ଦୁଇଦିନରେ ଏସ୍‌ଟିଏଫ୍ ଡିଏସ୍‌ପି ଅରୁଣ ସାହୁଙ୍କ ନେତୃତ୍ୱରେ ୭ଟି ଟ୍ରକ୍ (ନଂ. ଓଆର୧୯ଜେ-୫୯୨୬, ଓଆର୧୯ଏଚ- ୫୮୨୯, ଓଆର୧୯ଏଚ- ୪୩୬୯, ଓଡି୩୫ବି- ୧୫୯୪, ଓଆର୧୯ଜେ- ୩୭୮୩, ଓଆର୧୯ଏନ- ୫୭୪୪, ଓଡି୦୬ବି-୦୭୦୩) କୁ ଜବତ କରାଯାଇଛି। ଡିଏସ୍‌ପି ତେଜରାଜ ପଟେଲଙ୍କ ନେତୃତ୍ୱରେ ମଧ୍ୟ ୨ଟି ଟ୍ରକ୍ ଜବତ କରାଯାଇଛି। ଏ ନେଇ ମାମଲା ରୁଜୁ ପରେ ଟ୍ରକ୍ ମାଲିକ ଅଭୟ ସାହୁ, ସୁଶିଲ ଭୂତିଆ, ସୁନୀଲ କୁମାର ବେହେରାଙ୍କ ସମେତ ଏସ୍‌ଟିଏଫ୍ ଟିମ୍ ୧୧ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନକଲି ଟିପି (ଟ୍ରାଞ୍ଜିଟ ପାସ) ଦ୍ୱାରା ଏହି କୋଇଲା ଚାଲାଣ କରାଯାଉଥିବା ଏସ୍‌ଟିଏଫ୍ ଅଧିକାରୀ ପ୍ରକାଶ କରିଛନ୍ତି। ଗତ ସପ୍ତାହରେ ତାଳଚେର ପୋଲିସ ୪ଟି ଟ୍ରକ୍ ଜବତ କରିଥିଲା। ଏହାବ୍ୟତୀତ ଅନୁଗୋଳ ଓ ଢେଙ୍କାନାଳ ଜିଲାର ଅନ୍ୟ ଥାନାରେ ମଧ୍ୟ ଚୋରା କୋଇଲା ଟ୍ରକ୍ ଧରାପଡୁଛି। କୋଲ କରିଡର ରାସ୍ତାହେବା ପରେ ଏହି କାରବାର ଆହୁରି ବଢି ଯାଇଛି। ପୂର୍ବରୁ ମାଇନିଂ ବିଭାଗ ପକ୍ଷରୁ ଟିପି ଦିଆଯାଉଥିଲା। ଏବେ କିନ୍ତୁ ତାହା ନେଟରୁ ମିଳୁଛି। ଫଳରେ ଏହାର ନକଲି କପି କମ୍ପ୍ୟୁଟରରୁ ବାହାର କରାଯାଇ ଚୋରା ଟ୍ରକ୍‌ଗୁଡ଼ିକୁ ଯୋଗାଇ ଦିଆଯାଉଛି। ପୋଲିସ ସହ ଏସ୍‌ଟିଏଫ ଟିମ୍ ଅଚାନକ ଚଢ଼ାଉ କରୁଥିଲେ ବି ବିଭିନ୍ନ ଥାନା ବାଟ ଦେଇ କୋଇଲା ଯାଇ ଢେଙ୍କାନାଳ ଓ ରାଉରକେଲାରେ ଧରାପଡୁଥିବାରୁ ସ୍ଥାନୀୟ ଅଧିକାରୀମାନେ କିପରି ଜାଣି ପାରୁ ନାହାନ୍ତି ତାହା ଆଶ୍ଚର୍ଯ୍ୟଜନକ ବୋଲି କୁହାଯାଉଛି। ଏପରି କି ପ୍ରତି ଟ୍ରକ୍ ପିଛା ବାବୁମାନଙ୍କ ନିମନ୍ତେ ମାସିକିଆ ବ୍ୟବସ୍ଥା ଖଞ୍ଜା ହୋଇଥିବା ଆଲୋଚନା ହେଉଛି। ରାଜ୍ୟ ସରକାର ଏବେଠାରୁ ସତର୍କ ଓ ଦୃଢ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଜାତୀୟ ସମ୍ପତ୍ତିର ଚୋରା କାରବାର ଆହୁରି ବଢ଼ିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏ ସମ୍ପର୍କରେ ଡିଡିଏମ ବିଷ୍ଣୁପଦ ରାଉତ କହିଛନ୍ତି, ବିଭାଗ ଅନେକ ସମୟରେ ଚଢାଉ ଜାରି ରଖିଛି ଓ ଆଗକୁ ମଧ୍ୟ ଧରପଗଡ଼ କରାଯିବ।

## ସମସ୍ତଙ୍କ ପାଇଁ ଶିକ୍ଷା ଉପରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକଙ୍କ ସହ ଛାତ୍ରୀଛାତ୍ରମାନେ।

ଅନୁଗୋଳ ଅଫିସ, ୨୦।୧୦

ଅନୁଗୋଳସ୍ଥିତ ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟ ପରିସରରେ କିଟ୍ ଓ କିସ୍ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନାରାୟଣ ଚନ୍ଦ୍ର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। କିଟ୍ ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ଦିବ୍ୟରଞ୍ଜନ ରାଉତ ଶିକ୍ଷା ପ୍ରତି ଥିବା ଦାୟିତ୍ୱବୋଧ ଓ ଆଗ୍ରହ ବିଷୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ନନ୍ଦ ଯୋଗଦେଇ ଶିକ୍ଷାର ଗୁଣାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କିଟ୍ ବିଶ୍ୱ ବିଦ୍ୟାଳୟର ସୁଧାକର ସାହୁ ଶିକ୍ଷାର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ଆହ୍ୱାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗାଚାର୍ଯ୍ୟ ଅଭୟ ରାୟ ଉପସ୍ଥିତ ଥିଲେ। କିଟ୍‌ର କାର୍ଯ୍ୟକର୍ତ୍ତା ଅଜୟ ସାହୁ, ଶିଶିର ସାହୁ ଓ ସ୍ମୃତିରଞ୍ଜନ ନାୟକ ସହଯୋଗ କରିଥିଲେ। ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଓ ସଂସ୍କୃତ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ଓ ଅଧ୍ୟାପକମାନେ ଯୋଗଦେଇଥିଲେ। କିଟ୍ ଅଧ୍ୟାପକ ବିଧୁ ଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାମନ୍ତଙ୍କ ବିୟୋଗ



ତାଳଚେର,୨୦।୧୦(ନି.ପ୍ର.)

ତାଳଚେରର ବିଶିଷ୍ଟ ଶିକ୍ଷାବିତ୍ ଶତାୟୁ କୃଷ୍ଣଚନ୍ଦ୍ର ସାମନ୍ତ(୧୦୨)ଙ୍କ ତାଳଚେର ଟାଉନସ୍ଥିତ ବାସଭବନରେ ରବିବାର ପରଲୋକ ଘଟିଛି। ସେ କମଳଛୁଇଁସ୍ଥିତ କ୍ଷେମେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଏଥିସହ ସେ ଜଣେ କ୍ରୀଡ଼ା ସଙ୍ଗଠକ ଭାବେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପରିବାର ଲୋକେ ଉପସ୍ଥିତ ଥିଲେ। ଆରପି ସ୍ପୋର୍ଟ୍ସ କ୍ଲବ ସଭାପତି ଜୟନ୍ତ କୁମାର ଗଡ଼ନାୟକ, ସମ୍ପାଦକ ବାଉରୀବନ୍ଧୁ ବେହେରା ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ।

## ୧୬୨ ୟୁନିଟ୍ ରକ୍ତ ସଂଗ୍ରହ



ଛେଣ୍ଡିପଦା,୨୦।୧୦(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ପଞ୍ଚାୟତର ମହାଲକ୍ଷ୍ମୀ ୟୁଥ କ୍ଲବ ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଭାଜପା ରାଜ୍ୟ କର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ସରପଞ୍ଚ ସୁଧାକର ବେହେରା, ସମିତିସଭ୍ୟ ସୁନୀଲ ପ୍ରଧାନ, ଗ୍ରାମ ସଭାପତି ପ୍ରଫୁଲ୍ଲ କୁମାର ସାହୁ, ବାବାଜୀ ପ୍ରଧାନ, ଇନ୍ଦ୍ରମଣି ସାହୁ, ରାଜକିଶୋର ପ୍ରଧାନ, ଚୌଧୁରୀ ପ୍ରଧାନ, ଦୀନବନ୍ଧୁ ପାଣି ପ୍ରମୁଖ ଯୋଗ ଦେଇଥିଲେ। ୟୁଥ୍‌କ୍ଲବର ସମସ୍ତ ସଦସ୍ୟ, ବ୍ରାହ୍ମଣବିଲ ସ୍ୱୟଂ ସହାୟକ ଗୋଷ୍ଠୀ, ଜୀବନ ଜ୍ୟୋତି ସଂଘ, ଡାକେଶ୍ୱରୀ କ୍ଲବ, କାର୍ତ୍ତିକେଶ୍ୱର ପୂଜା କମିଟି, ମଙ୍ଗଳା କ୍ଲବ, ଗଣେଷ କ୍ଲବ, ଗଣପତି କ୍ଲବ, ତ୍ରିନାଥ କ୍ଲବ ଓ ଗ୍ରାମ୍ୟ କମିଟି ସଦସ୍ୟମାନେ ରକ୍ତଦାନ କରିଥିଲେ। ଏଥିରେ ୧୬୨ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଅନୁଗୋଳ ବ୍ଲଡ ବ୍ୟାଙ୍କର ଡାକ୍ତର କମଳ ଲୋଚନ ସାହୁ, ଷ୍ଟାଫ ନର୍ସ ଦୀପ୍ତିରାଣୀ ସାହୁ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଭୁବନେଶ୍ୱରର ସମର୍ପିତ ଫାଉଣ୍ଡେଶନ ଓ ଅନୁଗୋଳ ଏଚ୍‌ଡିଏଫସି ବ୍ୟାଙ୍କ ସହାୟତାରେ ଆୟୋଜିତ ଶିବିରରେ କ୍ଲବ ସମ୍ପାଦକ କେଶବାନନ୍ଦ ସାହୁ, ବିକାଶ ପ୍ରଧାନ, ସୁନୀଲ କୁମାର ପ୍ରଧାନ, ବ୍ରଜବନ୍ଧୁ ଦେହୁରୀ, ସ୍ୱାଗତ ସାହୁ, ଦିଲୀପ ସେଠୀ ପ୍ରମୁଖ ସହାୟତା କରିଥିଲେ।

## ଚାଷ ଜମି ବିବାଦରୁ ବୋମାମାଡ଼

ବନ୍ତଲା, ୨୦।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପୁରୁଣାକୋଟ ଥାନା ଟାଇଁସି ତେନ୍ତୁଳି ସାହିରେ ଧାନ ବିଲକୁ ନେଇ ଗଣ୍ଡଗୋଳ ସହ ବୋମାମାଡ଼ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରୁ ଏକ ଜୀବନ୍ତ ବୋମା ଜବତ କରିଛି। ପୋଲିସ କହିଛି, ଗ୍ରାମର ବିରଞ୍ଚି ବେହେରା ଓ ବିଶ୍ୱମ୍ଭର ବେହେରାଙ୍କ ମଧ୍ୟରେ ଦୀର୍ଘ ବର୍ଷ ହେଲା ଏକ ଚାଷ ଜମିକୁ ନେଇ ବିବାଦ ଲାଗି ରହିଛି। ଉକ୍ତ ଜମିରେ ବିରଞ୍ଚି ଚାଷ କରି ଆସୁଥିବାବେଳେ ବିଶ୍ୱମ୍ଭର ଏହାକୁ ନିଜର ବୋଲି ଦାବି କରି ଆସୁଛନ୍ତି। ଶନିବାର ଅପରାହ୍ଣରେ ଏହି ଘଟଣାକୁ କେନ୍ଦ୍ର କରି ବିଶ୍ୱମ୍ଭର ଦୁଇଟି ବୋମା ଧରି ବିରଞ୍ଚିଙ୍କୁ ଧମକାଇବା ସହ ଏକ ବୋମା ଗାଁ ମୁଣ୍ଡରେ ଫୁଟାଇଥିଲେ। ଏଥିସହ ଆଉ ଏକ ବୋମା ବିରଞ୍ଚିଙ୍କ ଉପରକୁ ପକାଇଥିଲେ ମଧ୍ୟ ତାହା ନ ଫୁଟିବାରୁ ସେ ବର୍ତ୍ତି ଯାଇଥିବା ବିରଞ୍ଚି ଥାନାରେ ଅଭିଯୋଗ କରିଛନ୍ତି। ରବିବାର ଅଭିଯୋଗ ପାଇ ଥାନା ଅଧିକାରୀ ବିକ୍ରମ ବିହାରୀ ଜୟପୁରିଆ ନଂ. ୫୫/୧୯ରେ ମାମଲା ରୁଜୁ କରିବା ସହ ବୋମା ନିରୋଧକାରୀ ଦଳକୁ ଡକାଇ ଏହାକୁ ନିଷ୍କ୍ରିୟ କରାଇଥିଲେ। ବିଶ୍ୱମ୍ଭର ଫେରାର ଥିବା ଜଣାପଡିଛି।

## ଜିଲାପାଳଙ୍କୁ ଭେଟିଲେ ବାଳବିକାଶ ଛାତ୍ରୀଛାତ୍ର

ଅନୁଗୋଳ ଅଫିସ, ୨୦।୧୦



ଅନୁଗୋଳ ହାକିମପଡ଼ାସ୍ଥିତ ସତ୍ୟସାଇ ମନ୍ଦିରରୁ ବାଳବିକାଶ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ରବିବାର ସତ୍ୟସାଇ ବାବାଙ୍କ ଅବତାର ଦିବସରେ ତାଙ୍କର ମୁଖ୍ୟ ବାଣୀ ଓ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସା ପରି ମୂଲ୍ୟବୋଧ ଗୁଡ଼ିକ ସମାଜରେ ପହଞ୍ଚାଇବା ଏହି ଶୋଭାଯାତ୍ରାର ମୁଖ୍ୟ ଲକ୍ଷ୍ୟ ଥିଲା ବୋଲି ସେମାନେ ଜିଲାପାଳଙ୍କୁ କହିଥିଲେ। ଏହି ଅବସରରେ ଅନୁଗୋଳ ସତ୍ୟସାଇ ସଙ୍ଗଠନ ସଭାପତି ଦୁର୍ଗାପ୍ରସନ୍ନ ରଥ ଜିଲାପାଳଙ୍କୁ ଅନୁଗୋଳ ଜିଲାରେ ସଙ୍ଗଠନ ଦ୍ୱାରା ଚାଲିଥିବା ଆଧାତ୍ମିକ ଓ ସେବାକାର୍ଯ୍ୟକ୍ରମ ବିଷୟରେ ଅବଗତ କରିଥିଲେ। ଜିଲାପାଳ ମନୋଜ କୁମାର ମହାନ୍ତି ସତ୍ୟସାଇ ସଙ୍ଗଠନର କାର୍ଯ୍ୟକ୍ରମଗୁଡ଼ିକ ମାନବ ସେବାରେ ସବୁଦିନ ଚାଲୁ ରହିଥାଉ ବୋଲି କହିବା ସହ ଶୁଭକାମନା ଜଣାଇଥିଲେ। ସତ୍ୟସାଇ ସଙ୍ଗଠନର ବହୁ କର୍ମକର୍ତ୍ତା, ଅଭିଭାବକ ଏଥିରେ ଭାଗ ନେଇ ବାଳବିକାଶ ଛାତ୍ରୀଛାତ୍ରମାନଙ୍କୁ ସହଯୋଗ କରିଥିଲେ।

## ଆର୍‌ପିଏଫ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ, ୨୦।୧୦



ଅନୁଗୋଳରେ ରେଳବାଇ ପୋଲିସ (ଆରପିଏଫ୍) ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ରେଳ ଷ୍ଟେଶନ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା ନେଇ ଯାତ୍ରୀମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତୁରନ୍ତ ୧୮୨ ନମ୍ବରରେ ଫୋନ କରିବାକୁ ଆରପିଏଫ୍ ପକ୍ଷରୁ ସମ୍ବଲପୁର-ପୁରୀ ଇଣ୍ଟରସିଟିରେ ଥିବା ଯାତ୍ରୀଙ୍କୁ ସଚେତନତା କରାଯାଇଥିଲା। ସେହିପରି ଅଚିହ୍ନା ମଣିଷଙ୍କଠାରୁ ଖାଦ୍ୟ ଗ୍ରହଣ ନ କରିବାକୁ ଆର୍‌ପିଏଫ୍ ପକ୍ଷରୁ କୁହାଯାଇଥିଲା। ଅନୁଗୋଳ ଆର୍‌ପିଏଫ୍ ଇନ୍ସପେକ୍ଟର ଏମ୍.କେ. ଶର୍ମାଙ୍କ ସହ ଏଲ୍.ଡି. ଦାସ, ପ୍ରବୀର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୫୨ ହଜାର ଟଙ୍କାରେ ଆଞ୍ଚଳଡୁ ନିଲାମ

ତାଳଚେର,୨୦।୧୦(ନି.ପ୍ର.)

ତାଳଚେର ବ୍ଲକ ସାଉଥବଳଣ୍ଡା ବଣିକ ସଂଘ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭସାଣି ପୂର୍ବରୁ ମା' ଗଜଲକ୍ଷ୍ମୀଙ୍କ ଆଞ୍ଚଳଡୁ ନିଲାମ କରାଯାଇଥିଲା। ବଣିକ ସଂଘ ଉପସଭାପତି ଉଚ୍ଛବ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ପିଏସ୍‌ୟୁ ସଭାପତି ଦେବୀ ମିଶ୍ର, ଏଚ୍‌ଏମ‌ଏସ(ହିନ୍ଦ ମଜଦୁର ସଂଘ) ସାଧାରଣ ସମ୍ପାଦକ ଶଙ୍କର୍ଷଣ ବେହେରା, ଡେଣ୍ଟୁଲୋଇ ସମିତିସଭ୍ୟ ନୀଲମ ଲାଲ, ତାଳଚେର ସୁରକ୍ଷା ମଞ୍ଚ ସଭାପତି ମୁରଲୀଧର ସାହୁ, ତାଳଚେର ବ୍ଲକ ବିଜେଡି ଉପସଭାପତି ସନ୍ତୋଷ ପ୍ରଧାନ, ଶ୍ରମିକ ନେତା ଦିଲୀପ ଭୁକ୍ତା, ଶ୍ରୀନିବାସ ଖୁଣ୍ଟିଆ, ସୁରେନ୍ଦ୍ର କୁମାର ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମା'ଙ୍କ ଆଞ୍ଚଳଡୁକୁ ଦିଲୀପ ସାହୁ ୫୨ ହଜାର ଟଙ୍କାରେ ନିଲାମ ନେଇଥିଲେ। ରାଜେଶ ଦାସ ପରିଚାଳନା କରିଥିଲେ। ବଣିକ ସଂଘ ସମ୍ପାଦକ ଖଗେଶ୍ୱର ସାହୁ, ଯୁଗ୍ମ ସମ୍ପାଦକ ଧୀରେନ ପ୍ରଧାନ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ସାହୁ, ଶ୍ରୀନିବାସ ସାହୁ, ଅମ୍ବରନାଥ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।



ନିଲାମଧାରୀଙ୍କୁ ମା'ଙ୍କ ଆଞ୍ଚଳଡୁ ପ୍ରଦାନ କରାଯାଉଛି।

## ■ପାଲଲହଡ଼ାରେ ଧନଦାତ୍ରୀଙ୍କ ପୂଜା

# ମନମୋହୁଛି ମଣ୍ଡପ, ମିନାବଜାର



ବଜାରସାହି ପୂଜା ମଣ୍ଡପ।



ରାମମନ୍ଦିର ଛକ।



ଶାସନସାହି ପୂଜାମଣ୍ଡପ।

ପାଲଲହଡ଼ା, ୨୦।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡରେ ଚାଲିଥିବା ଧନଦାତ୍ରୀଙ୍କ ପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ରଙ୍ଗିନ ଆଲୋକମାଳା, ମଣ୍ଡପର ଆକର୍ଷଣୀୟ ସାଜସଜ୍ଜା, ସୁଉଚ୍ଚ ତୋରଣ ଅଞ୍ଚଳର ସୌନ୍ଦର୍ଯ୍ୟ ବଢାଇଛି। ଚଳିତ ବର୍ଷ ପାଲଲହଡ଼ା ଓ ଖମାରରେ ମୋଟ୍ ୧୨ଟି ମଣ୍ଡପ କରାଯାଇଛି। ପାଲଲହଡ଼ାର ଶାସନ ସାହି, କଦମ୍ବଚୌକ ସାହି, ସାମନ୍ତ ସାହି, ଉଦୟପୁର ସାହି, ଉଦିତ ନଗର, ରାମ ମନ୍ଦିର ଛକ, ସ୍କୁଲ ସାହି, ନୂଆ ବସଷ୍ଟାଣ୍ଡ, ପୁରୁଣା ଗୌଡ଼ ସାହି, ପୋଷ୍ଟ ଅଫିସ ରୋଡ ପୂଜା କମିଟି ପକ୍ଷରୁ ପୂଜା ହୋଇଥିବା ବେଳେ ଖମାର ସୁଲିଆ ବଜାର ଏବଂ କ୍ୟାପିଟାଲ ବଜାରରେ ୨ଟି ଆକର୍ଷଣୀୟ ମଣ୍ଡପ ନିର୍ମାଣ କରାଯାଇଛି। ମିନାବଜାର ପଡିବା ସହ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ମେଳାରେ ଉପଲବ୍ଧ ହେଉଛି। ପ୍ରତି ସନ୍ଧ୍ୟାରେ ବିଭିନ୍ନ ପୂଜା କମିଟି ପକ୍ଷରୁ ମେଲୋଡି, ଭଜନ ସନ୍ଧ୍ୟା, ନୃତ୍ୟ ସଙ୍ଗୀତ ଏବଂ ଯାତ୍ରା ପରିବେଷଣ କରାଯାଉଛି। ପୂଜାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଉପଖଣ୍ଡ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟା ୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସହର ମଧ୍ୟରେ ଯାନବାହନ ଚଳାଚଳ ଉପରେ କଟକଣା ଲଗାଯାଇଛି। ଆସନ୍ତା ୨୩ ତାରିଖରେ ମେଳଣ ଏବଂ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପୂଜାକୁ ସୁଚାରୁରୂପେ ପାଳନ ପାଇଁ ସମସ୍ତ ପୂଜା କମିଟି ଦ୍ୱାରା ଏକ କେନ୍ଦ୍ରୀୟ ଗଜଲକ୍ଷ୍ମୀ କମିଟି ଗଠନ କରାଯାଇଛି ଶାନ୍ତିଶୃଙ୍ଖଳାକୁ ପ୍ରାଧାନ୍ୟ ଦିଆଯାଉଥିବା କମିଟି ସଭାପତି ଲିଙ୍ଗରାଜ ଦାସ ଏବଂ ସମ୍ପାଦକ ସୁଶୀଲ କୁମାର ସାମଲ ପ୍ରକାଶ କରିଛନ୍ତି।

## ଜମୁଛି ସାଂସ୍କୃତିକ କାର୍ଯ୍ୟକ୍ରମ





ହେମସୁରପଡା, ଡିଆଇସି ଛକଠାରେ ଅନୁଷ୍ଠିତ ଡ୍ୟାନ୍ସ ଧମାକାର ପ୍ରତିଯୋଗୀ।

ଅନୁଗୋଳ ଅଫିସ, ୨୦।୧୦

ଅନୁଗୋଳ ସହରରେ ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପୂଜା ସରିଆସୁଥିବାରୁ କେତେକ କମିଟି ପକ୍ଷରୁ ଓଲିଉଡର କଳାକାର ଓ ଆଗ ଧାଡ଼ିର କଣ୍ଠଶିଳ୍ପୀମାନଙ୍କୁ ଆଣିବାକୁ ଯୋଜନା କରାଯାଇଛି। ତେବେ ସ୍ଥାନୀୟ କଳାକାର, କଣ୍ଠଶିଳ୍ପୀ, ମେଲୋଡି ଗ୍ରୁପକୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ବିଭିନ୍ନ ସ୍ଥାନରେ ଲୋକଙ୍କ ଗହଳି ଜମୁଥିବା ଦେଖାଯାଉଛି।

